DHARITRI

16th July 2019

■ ଆଇଆଇଟି ପରିସରରେ ରାଜ୍ୟପାଳଙ୍କ ଦ୍ୱାରା ଦୁଇ ହଷ୍ଟେଲ ଉଦ୍‌ଘାଟିତ

# ପ୍ରଯୁକ୍ତିବିଦ୍ୟାକୁ ଧର୍ମଶାସ୍ତ୍ର ସହ ସଂଶ୍ଳିଷ୍ଟ କରିବା ଦରକାର




କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

**କଟଣୀ,୧୫।୭(ଡି.ଏନ.ଏ.)**

ଆଜି ସମଗ୍ର ବିଶ୍ୱ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିଚାରଧାରା ଉପରେ ଆଧାରିତ। କେବଳ ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ଭର କରିବା ଯଥେଷ୍ଟ ହେବନାହିଁ। ପ୍ରଯୁକ୍ତି ବିଦ୍ୟାକୁ ଧର୍ମଶାସ୍ତ୍ର ସହ ସଂଶ୍ଳିଷ୍ଟ କରିବାର ପ୍ରୟୋଜନ ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଟଣୀସ୍ଥିତ ଆଇଆଇଟି ସ୍ଥାୟୀ କ୍ୟାମ୍ପସ ମଧ୍ୟରେ ସୋମବାର ଛାତ୍ରଛାତ୍ରୀଙ୍କ ପାଇଁ ୨ଟି ହଷ୍ଟେଲ ଉଦ୍‌ଘାଟନ କରିବା ପରିପ୍ରେକ୍ଷୀରେ ରାଜ୍ୟପାଳ ଉପରୋକ୍ତ ବକ୍ତବ୍ୟ ରଖି କହିଥିଲେ, ଭୌତିକ ବିଦ୍ୟାକୁ ଅତି ଭୌତିକ ବିଦ୍ୟା ସହିତ ଯୋଡ଼ିବାର ଆବଶ୍ୟକତା ରହିଛି। ପଞ୍ଚେନ୍ଦ୍ରିୟ ମଧ୍ୟରୁ ୩ ପ୍ରମୁଖ ଇନ୍ଦ୍ରିୟ ମନ, ଧୀଶକ୍ତି ଓ ଅହଂକୁ ଅନ୍ତ ବିଜ୍ଞାନ ସହିତ ଯୋଡ଼ିବାକୁ ହେବ। ପ୍ରଯୁକ୍ତି ସମ୍ବନ୍ଧକୁ ଆନ୍ତଃ ସମ୍ବନ୍ଧ ସହିତ ଯୋଡ଼ାଯିବା ଦରକାର। ଅବିକକରଣ ସହିତ ଆନ୍ତଃ ବିବର୍ତ୍ତନର ସଂଯୋଗ ଆବଶ୍ୟକ। ଏସବୁର ସନ୍ଧିହିଁ ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବ। ଆଗାମୀଦିନରେ ବିଶ୍ୱର ପିରାମିଡ୍ ଯେଉଁ ଭିତ୍ତିଭୂମି ଉପରେ ଛିଡ଼ା ହେବାକୁ ଯାଉଛି ତାହା ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ଅଟେ ବୋଲି ସେ କହିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଡିନ୍ ପ୍ରଫେସର ଭି.ଆର୍. ପେଡ଼ିରେଡି ପ୍ରାରମ୍ଭିକ ସୂଚନା ଦେଇଥିଲେ। ରେଜିଷ୍ଟ୍ରାର ଡ. ସୁବୋଧ କୁମାର, ୱାର୍ଡେନ୍ ଶାନ୍ତନୁ ପାଲ, ଶିକ୍ଷାନୁଷ୍ଠାନର ଅନେକ ଫାକଲ୍ଟି, କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ରହିଥିଲେ। ଆଇଆଇଟି କ୍ୟାମ୍ପସ୍ ମଧ୍ୟରେ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଦୁଇଟି ହଷ୍ଟେଲ ମଧ୍ୟରୁ ଗୋଟିଏ ଛାତ୍ରୀ ନିବାସ ଓ ଅନ୍ୟଟି ଛାତ୍ରାବାସ । ଛାତ୍ରୀନିବାସ ନାମ ଗଙ୍ଗା ରଖାଯାଇଥିବା ବେଳେ ଏହା ୪୦୦ ଛାତ୍ରୀ ରହିବା କ୍ଷମତା ବିଶିଷ୍ଟ ହୋଇଛି। ସେହିପରି ବ୍ରହ୍ମପୁତ୍ର ନାମରେ ଛାତ୍ରାବାସରେ ୮୦୦ ଛାତ୍ର ରହି ପାରିବେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କ୍ୟାମ୍ପସ୍ ମଧ୍ୟରେ ଚାରାରୋପଣ କରିଥିଲେ।